ଭାରତର ପ୍ରଧାନମନ୍ତ୍ରୀଙ୍କର ୟୁକ୍ରେନର ରାଷ୍ଟ୍ରପତି ଭୋଲୋଡିମିର ଜେଲେନସ୍କିଙ୍କ ସହ ବାର୍ତ୍ତାଳାପ (ନଭେମ୍ବର 09, 2026)

ଭାରତର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଆଜି ୟୁକ୍ରେନର ରାଷ୍ଟ୍ରପତି ମହାମହିମ ଶ୍ରୀ ଭୋଲୋଡିମିର ଜେଲେନସ୍କିଙ୍କ ସହିତ ଟେଲିଫୋନ୍ ଯୋଗେ ବାର୍ତ୍ତାଳାପ କରିଥିଲେ।

2. ୟୁକ୍ରେନର ରାଷ୍ଟ୍ରପତି ଜେଲେନସ୍କି ଚାଲିଥିବା ବିବାଦ ସମ୍ବନ୍ଧିତ ସାମ୍ପ୍ରତିକ ଘଟଣାକ୍ରମ ଉପରେ ନିଜର ଦୃଷ୍ଟିକୋଣ ଅଂଶୀଦାର କରିଥିଲେ।

3. ଭାରତର ପ୍ରଧାନମନ୍ତ୍ରୀ ଭାରତର ମାନବ-କୈନ୍ଦ୍ରିକ ଆଭିମୁଖ୍ୟକୁ ପୁନଃପୁଷ୍ଟି କରିଥିଲେ ଏବଂ ଆଲୋଚନା ଓ କୂଟନୀତି ଜରିଆରେ ବିବାଦକୁ ସମାଧାନ କରାଯିବା ଆବଶ୍ୟକ ବୋଲି ଭାରତର ସ୍ଥିର ମତକୁ ଦୋହରାଇଥିଲେ। ସେ ବିବାଦର ଶାନ୍ତିପୂର୍ଣ୍ଣ ସମାଧାନ ଲକ୍ଷ୍ୟରେ ଥିବା ସମସ୍ତ ପ୍ରୟାସରେ ଯୋଗଦାନ କରିବାକୁ ଭାରତର ପ୍ରସ୍ତୁତି ବିଷୟରେ ଜଣାଇଥିଲେ।

4. ଉଭୟ ଦେଶର ଜନସାଧାରଣଙ୍କ ପାରସ୍ପରିକ ଲାଭ ପାଇଁ ବିଭିନ୍ନ କ୍ଷେତ୍ରରେ ଭାରତ-ୟୁକ୍ରେନ ଦ୍ୱିପାକ୍ଷିକ ସହଯୋଗକୁ ଅଧିକ ସୁଦୃଢ଼ କରିବାର ପଦକ୍ଷେପଗୁଡ଼ିକ ଉପରେ ମଧ୍ୟ ଉଭୟ ନେତୃବୃନ୍ଦ ଆଲୋଚନା କରିଥିଲେ।

ନୂଆଦିଲ୍ଲୀ

ନଭେମ୍ବର 09, 2026